**ଆଳି ବ୍ଲକରେ ୨୮୭୪ ଷଷ୍ଠ, ସପ୍ତମ ଶ୍ରେଣୀ ପିଲା ପଢ଼ିଲେ**

ଆଳି,(ଡି.ଏନ.ଏ.): ରାଜ୍ୟ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ ମୁତାବକ ସୋମବାର ଆଳି ବ୍ଲକରେ ଥିବା ୧୨୦ଟି ଷଷ୍ଠ ଓ ସପ୍ତମ ଶ୍ରେଣୀ ଥିବା ବିଦ୍ୟାଳୟରେ ୨୮୭୪ଜଣ ଛାତ୍ରାଛାତ୍ର ଆସି ପାଠ ପଢ଼ଛନ୍ତି ବୋଲି ଆଳି ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଶିକ୍ଷା ମଣ୍ଡଳ ଅଧୀନରେ ଥିବା ୧୭ଟି କ୍ଲଷ୍ଟରରେ ନାମ ଲେଖାଇଥିବା ୪୧୩୭ ଛାତ୍ରାଛାତ୍ରମାନଙ୍କ ମଧ୍ୟରୁ ୨୮୭୪ ଜଣ ପ୍ରଥମଦିନରେ ବିଦ୍ୟାଳୟକୁ ଆସିଥିଲେ। ତନ୍ମଧ୍ୟରୁ ସିଙ୍ଗିରି ଜି. ଟି. ନୋଡାଲ କ୍ଲଷ୍ଟରର ସର୍ବାଧିକ ୨୩୩ ଜଣ ଛାତ୍ରାଛାତ୍ର ଆସିଥିବା ବେଳେ, ମଙ୍ଗରାଜପୁର ନୋଡାଲ ୟୁପି ସ୍କୁଲ କ୍ଲଷ୍ଟରରେ ସବୁଠାରୁ କମ୍ ପିଲା ମାତ୍ର ୬୩ ଜଣ ଛାତ୍ରାଛାତ୍ର ପାଠ ପଢ଼ିଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ଗ୍ରାହକ ସେବାକେନ୍ଦ୍ରରୁ ଲକ୍ଷାଧିକ ଟଙ୍କା ଦୁର୍ବୃତ୍ତ ଲୁଟି ନେଲେ

**ଡେରାବିଶ,୧୫।୧୧(ସ୍ୱ.ପ୍ର.):** କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଚାନ୍ଦୋଳ ବଜରର ଏକ ଗ୍ରାହକ ସେବା କେନ୍ଦ୍ରରୁ ସୋମବାର ଅପରାହ୍ଣରେ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି। ଅପରାହ୍ଣ ୪ଟା ୫୭ ମିନିଟ୍ ସମୟରେ ଚାନ୍ଦୋଳସ୍ଥିତ ଷ୍ଟେଟ୍ ବ୍ୟାଙ୍କର ଏକ ଗ୍ରାହକ ସେବାକେନ୍ଦ୍ର ମଧ୍ୟକୁ ୩ଜଣ ଦୁର୍ବୃତ୍ତ ପଶି କାଉଣ୍ଟରରେ ବସିଥିବା ୨ ମହିଳା କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ପରେ ସେବା କେନ୍ଦ୍ରରେ ଥିବା ସମସ୍ତ ଟଙ୍କା ଦେବାକୁ ଧମକ ଦେଇଥିଲେ। ଦୁର୍ବୃତ୍ତମାନଙ୍କ ମଧ୍ୟରୁ ଜଣେ କାଉଣ୍ଟର ଭିତରକୁ ପଶି ଡ୍ରୟାରରେ ଥିବା ଟଙ୍କା କାଢ଼ି ସାଥୀ ଲୁଟେରାଙ୍କୁ ବଢ଼ାଇଥିଲେ। ଦୁର୍ବୃତ୍ତମାନେ ସମସ୍ତ ଟଙ୍କାକୁ ଏକ ବ୍ୟାଗରେ ଭର୍ତ୍ତି କରି ଫେରାର ହୋଇ ଯାଇଥିଲେ। ମହିଳା କର୍ମଚାରୀଙ୍କ କହିବା ଅନୁଯାୟୀ, ଘଟଣା ଘଟାଇବା ପୂର୍ବରୁ ସେମାନେ ଆସି ଏଠାରେ ଆଧାର କାର୍ଡ଼ ହୋଇପାରିବ ବୋଲି ପଚାରିଥିଲେ। ସେ ସମୟରେ ଅନ୍ୟ ଗ୍ରାହକମାନେ ଥିଲେ। ସେମାନେ ବାହାରେ କିଛି ସମୟ ରହିବା ପରେ ସେବା କେନ୍ଦ୍ର ଆଖାପାଖ ଓ କେନ୍ଦ୍ରରେ କୌଣସି ଗ୍ରାହକ ନ ଥିବା ସମୟରେ ହଠାତ୍ ପଶି ବନ୍ଧୁକ ଦେଖାଇ ଭୟଭୀତ କରି ଲକ୍ଷାଧିକ ଟଙ୍କା ଲୁଟି ନେଇଥିଲେ। ଖବର ପାଇ ଫାଣ୍ଡି ଅଧିକାରୀ ସୌମ୍ୟ ରଞ୍ଜନ ପାଣିଗ୍ରାହୀ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ତଦନ୍ତ ଜାରି ରଖିଛନ୍ତି।

### ଯୌତୁକ ପାଇଁ ହତ୍ୟା ଅଭିଯୋଗ: ଜଣେ ଗିରଫ

**ପାରାଦୀପ,୧୫।୧୧(ସ୍ୱ.ପ୍ର.):** ପାରାଦୀପ ଲକ୍‌ଥାନା ଅନ୍ତର୍ଗତ ଗଡ଼ଗ୍ରାମରେ ସୋମବାର ଜଣେ ମହିଳାଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଥାନାରେ ମାମଲା (ନଂ. ୨୭୯/୨୧) ରୁଜୁ କରାଯାଇ ଅଭିଯୁକ୍ତ ସ୍ୱାମୀ ବଳରାମ ସାହୁଙ୍କୁ ଗିରଫ କରାଯାଇଛି। ମୃତକ ଜଣକ ହେଲେ ଅନ୍ନପୂର୍ଣ୍ଣା ସାହୁ। ସେ ୩ ବର୍ଷ ତଳେ ବଳରାମଙ୍କୁ ବିବାହ କରିଥିଲେ। ଏହାପରେ ଅଧିକ ଯୌତୁକ ଦାବିରେ ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ତାଙ୍କୁ ବିଭିନ୍ନ ସମୟରେ ନିର୍ଯାତନା ଦେଉଥିଲେ। ଶନିବାର କୌଣସି କାରଣରୁ ଅନ୍ନପୂର୍ଣ୍ଣା ଅସୁସ୍ଥ ହୋଇ ପଡିଥିଲେ। ଚିକିତ୍ସା ନିମନ୍ତେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ତାଙ୍କର ମୃତ୍ୟୁ ଘଟିଛି। ତେବେ ଅନ୍ନପୂର୍ଣ୍ଣାଙ୍କୁ ବିଷ ଦିଆଯାଇ ହତ୍ୟା କରାଯାଇଛି ବୋଲି ତାଙ୍କ ବାପ ଘର ଲୋକ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ଯୁଗଳ କିଶୋର ଦାଶ କହିଛନ୍ତି।

### ୮୦୦ ଲିଟର ଚୋରା କିରୋସିନ ଜବତ

**ବାଲିକୁଦା,୧୫।୧୧ (ସ୍ୱ.ପ୍ର.):** ବାଲିକୁଦା ଥାନା ପୋଲିସ ସୋମବାର ରାତିରେ ଏକ ଭ୍ୟାନରୁ ୪ ବ୍ୟାରେଲ ଚୋରା କିରୋସିନ ଜବତ କରିଛି। ଏହାର ଆନୁମାନିକ ପରିମାଣ ୮୦୦ ଲିଟର ହେବ। ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ପୋଲିସ ଅଟକ ରଖି ପଚାରଉଚୁରା କରୁଛି। ପୋଲିସ ରାତିରେ ପାଟ୍ରୋଲିଂ କରୁଥିବା ବେଳେ ଜଗତ୍‌ସିଂହପୁରରୁ ବାଲିକୁଦା ଆଡ଼କୁ ଏହି ଭ୍ୟାନ ଆସୁଥିଲା। ସନ୍ଦେହ ହେବାରୁ ପୋଲିସ ଗାଡି ଅଟକାଇବା ପରେ ସେଥିରେ ଚୋରା କିରୋସିନ ଥିବା ଜଣାପଡ଼ିଥିଲା।

### ନିଯୁକ୍ତି ଦାବିରେ ଡିସେମ୍ବର ୧ରେ ମାନବ ଶୃଙ୍ଖଳ

**କୁଜଙ୍ଗ,୧୫।୧୧(ଡି.ଏନ୍.ଏ.):** ପାରାଦୀପ ତୈଳ ବିଶୋଧନାଗାର ପ୍ରକଳ୍ପ ନିମନ୍ତେ ଭୂମି ହରାଇଥିବା ପରିବାରକୁ ନେଇ ଗଠିତ ଭୂମିହରା କୃଷକ ଏକତା ମଞ୍ଚ ପକ୍ଷରୁ ନିଯୁକ୍ତି ଦାବିରେ ଡିସେମ୍ବର୧ରେ ମାନବ ଶୃଙ୍ଖଳ କରାଯାଇ ଆନ୍ଦୋଳନ କରାଯିବ। ଏ ନେଇ କୁଜଙ୍ଗ ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ଅନ୍ତର୍ଗତ ୧୫ ନମ୍ବରଠାରେ ସୋମବାର ବୈଠକ ଅନୁଷ୍ଠିତ ହୋଇଥିଲା। ମଞ୍ଚର ସଭାପତି ପ୍ରକାଶ ତ୍ରିପାଠୀ ଏଥିରେ ଅଧକ୍ଷତା କରିଥିଲେ। ଏହି ଅବସରରେ ସେ କହିଥିଲେ, ଜମି ହରାଇଥିବା ପରିବାରଗୁଡ଼ିକ ନିଯୁକ୍ତି ପାଇଁ ଦୀର୍ଘବର୍ଷ ହେବ ଲଢ଼େଇ କରୁଛନ୍ତି। ୨୦୧୮ରେ ବିଶୋଧନାଗାରର କନ୍‌ଷ୍ଟ୍ରକ୍ସନ ଓ ମେଣ୍ଟନାନ୍ସ କାମ କରୁଥିବା ଠିକା କମ୍ପାନୀଗୁଡ଼ିକରେ ସେମାନଙ୍କୁ ନିଯୁକ୍ତି ଦେବାକୁ ଲିଖିତ ନିୟମ କରାଯାଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ସେମାନଙ୍କୁ ଅବହେଳା କରାଯାଇଥିବାରୁ ରଙ୍ଗିଆଗଡ ନିକଟସ୍ଥ ଏମ୍‌ଭିଆର ବ୍ରିଜ୍ ନିକଟରୁ ତୈଳ ବିଶୋଧନାଗାର ପ୍ରକଳ୍ପ ପ୍ରଶାସନିକ ଭବନ ପର୍ଯ୍ୟନ୍ତ ମାନବ ଶୃଙ୍ଖଳ କରି ପ୍ରତିବାଦ କରାଯିବ। ଏଥିରେ ଛବୀନ୍ଦ୍ର ରାଉତ, ରମେଶ ପରିଡ଼ା, ଗେହ୍ଲାରାଣୀ ସାମଲ, ଧୀରେନ୍ଦ୍ର ବିଶ୍ୱାଳ, ରବୀନ୍ଦ୍ର ସାମଲ ଓ ବୀଣାପାଣୀ ସାମଲ ପ୍ରମୁଖ ଯୋଗଦେଇଥିଲେ।

# ଚାଷୀଙ୍କ ପାଇଁ ସରକାରୀ ଆଳୁ ବିହନ ସଙ୍କଟ

**କେନ୍ଦ୍ରାପଡ଼ା ଅଫିସ, ୧୫।୧୧**


କେନ୍ଦ୍ରାପଡ଼ା ଅଞ୍ଚଳର ଚାଷୀମାନେ ଗତବର୍ଷ ଅମଳ କରୁଥିବା ଆଳୁ। ( ଫାଇଲ ଫଟୋ)

କେନ୍ଦ୍ରାପଡ଼ା ଜିଲାର ଆଳୁ ଚାଷୀଙ୍କ ପାଇଁ ସରକାରୀ ବିହନ ସଙ୍କଟ ଦେଖାଦେଇଛି। ସରକାରୀ ବିହନ ଯୋଗାଣ ଅଦ୍ୟାବଧି ହୋଇ ନ ଥିବାରୁ ବଜାରରୁ ଚାଷୀ ଅଧିକ ଦାମ ଦେଇ ବିହନ କ୍ରୟ କରୁଛନ୍ତି। ଏହି ବିହନ ଦ୍ୱାରା କେତେଦୂର ସଫଳ ହେବେ ସେନେଇ ଚାଷୀମାନେ ଆଶଙ୍କା ପ୍ରକଟ କରିଛନ୍ତି। କେନ୍ଦ୍ରାପଡ଼ା ଜିଲାରେ ପ୍ରତିଦିନ ୬୦୦ କୁଇଣ୍ଟାଲ ଆଳୁ ବ୍ୟବହାର ହେଉଥିଲେ ମଧ୍ୟ ପ୍ରାୟ ୭୦୦ ହେକ୍ଟର ଜମିରେ ପ୍ରତିବର୍ଷ ଆଳୁ ଚାଷ ହୋଇଥାଏ। ଚଳିତ ବଷୟ ୧ ହଜାର ହେକ୍ଟର ଜମିରେ ଆଳୁ ଚାଷ ହେବ ବୋଲି ଉଦ୍ୟାନ କୃଷି ବିଭାଗ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ହେକ୍ଟର ପିଛା ୧୫ କୁଇଣ୍ଟାଲ ହିସାବରେ ଚାଷୀଙ୍କୁ ବିହନ ଆବଶ୍ୟକ। ତେବେ ଅଦ୍ୟାବଧି ଏକ କିଗ୍ରା ସରକାରୀ ବିହନ ଚାଷୀଙ୍କ ନିକଟରେ ପହଞ୍ଚି ପରିନାହିଁ। ଜିଲା କୃଷକ ସଭା ସମ୍ପାଦକ ଗୟାଧର ଧଳ କହିଛନ୍ତି, କରୋନା ସଂକ୍ରମଣ ପାଇଁ ଫେରିଥିବା ପ୍ରବାସୀ ଚଳିତବର୍ଷ କୃଷିକୁ ଅଧିକ ଗୁରୁତ୍ୱ ଦେଇଛନ୍ତ। ତେବେ ସାମୁଦ୍ରିକ ଝଡ ୟାସ୍ ଓ ଗତ ଲଘୁଚାପଜନିତ ବର୍ଷା ଖରିଫ ଚାଷକୁ ଉଜାଡି ଦେଇଛି। ଆଳୁ ଚାଷ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲେ ମଧ୍ୟ ଚାଷୀଙ୍କୁ ଉପଯୁକ୍ତ ବିହନ ମିଳିନାହିଁ। ଜିଲା ଉଦ୍ୟାନ ବିଭାଗକୁ ଏ ନେଇ ଚାଷୀ ବାରମ୍ବାର ଦୌଡୁ ଥିଲେ ମଧ୍ୟ ବିହନ ଆସି ନ ଥିବା ସୂଚନା ମିଳୁଛି। ଚାଷୀଙ୍କ ହାଡଭଙ୍ଗା ପରିଶ୍ରମ ବିହନ ବିହୁନେ ନଷ୍ଟ ହୋଇଯାଉଛି। ବଜାରରେ ବିହନ କିଗ୍ରା ୪୫ ଟଙ୍କା ଥିବା ବେଳେ ସରକାରୀ ବିହନ କିଗ୍ରା ପ୍ରତି ୧୧.୨୫ ପଇସାରେ ମିଳିବ ବୋଲି ସେ ପ୍ରକାଶ କରିଛନ୍ତି। ଡେରାବିଶ ବ୍ଲକ କୁଶିଆପାଳ ଗାଁର ଚାଷୀ ସୁନାକର ରାଉତ କହିଛନ୍ତି, ଆଳୁ ଦରରେ ଏବେ ପକ୍ଷୀ ଲାଗିଛି। ପ୍ରତିଦିନ ଦାମ ଅଧିକ ହେଉଛି। ଏଥିପାଇଁ ଚାଷୀ ଆଳୁ ଲଗାଇବା ପାଇଁ ପ୍ରସ୍ତୁତିକୁ ଶେଷ ପର୍ଯ୍ୟାୟରେ ରଖିଥିଲେ ମଧ୍ୟ ବିହନ ମିଳୁନାହିଁ। ବଜାରର ବିହନ ଉପରେ ଭରସା ନ ଥିବା କହିଥିବା ବେଳେ ୧୩ ଏକର ଜମିରେ ଆଳୁ ଚାଷ କରିବେ ବୋଲି ସେ କହିଛନ୍ତି। କୃଷକ ନେତା ବିଧୂ ଭୂଷଣ ମହାପାତ୍ର କୁହନ୍ତି, ୨୦୧୫ ମସିହାରେ ସରକାର ଆଳୁ ମିଶନ କାର୍ଯ୍ୟକାରୀ କଲେ। ଇତିମଧ୍ୟରେ ୬ ବର୍ଷ ପୂରଣ ହେବ। ତେବେ ଜିଲାରେ ଶୀତଳଭଣ୍ଡାର ଗଠନ ସମ୍ପର୍କରେ କୌଣସି ସୂଚନା ନାହିଁ। ଶୀତଳଭଣ୍ଡାର ନ ଥିଲେ ଆଳୁ ସଂରକ୍ଷଣ ଅସମ୍ଭବ। ତୁରନ୍ତ ଆଳୁ ବିହନ ଚାଷୀଙ୍କୁ ଯୋଗାଣ ସହ ଶୀତଳଭଣ୍ଡାର ଗଠନ ସମ୍ପର୍କରେ ଜିଲା ପ୍ରଶାସନ ନିଷ୍ପତ୍ତି ନେବାକୁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଉଦ୍ୟାନ କୃଷି ବିଭାଗ ଉପନିର୍ଦ୍ଦେଶକ କନ୍ଧ ଜେନାଙ୍କୁ ପଚାରିବାରେ ବିହନ ପାଇଁ ଚିଠା ପଠା ଯାଇଛି। ଜିଲାକୁ ଆସିନାହିଁ। ଆସନ୍ତା ବୁଧବାର ସୁଦ୍ଧା ବିହନ ପହଞ୍ଚି ଯିବ ବୋଲି ସେ କହିଛନ୍ତି।

## କେନ୍ଦ୍ରାପଡ଼ା ପୌର ନିର୍ବାଚନ ପ୍ରକ୍ରିୟା ଆରମ୍ଭ

**କେନ୍ଦ୍ରାପଡା ଅଫିସ, ୧୫।୧୧**

**ଆସନ୍ତା ୨୫ରେ ପ୍ରକାଶ ପାଇବ ଚିଠା ପ୍ରସ୍ତାବ**

ଗତ ୫ ବର୍ଷ ଧରି ପୌର ନିର୍ବାଚନରୁ ବାଦ ପଡିଥିବା କେନ୍ଦ୍ରପଡ଼ା ପୌର ପରିଷଦ ପାଇଁ ନିର୍ବାଚନ ହେବ। ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏ ନେଇ ସୋମବାର ସବୁଜ ସଙ୍କେତ ମିଳିଛି। ଆସନ୍ତା ୨୫ ତାରିଖ ସୁଦ୍ଧା ୱାର୍ଡ ପୁର୍ନଗଠନ ଓ ସଂରକ୍ଷଣ ତାଲିକା ପ୍ରକାଶ ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ହୋଇଛି। ନିର୍ଦ୍ଦେଶନାମା ଅନୁଯାୟୀ, ଜିଲା ପ୍ରଶାସନ ପକ୍ଷରୁ ୱାର୍ଡର ସୀମା ନିର୍ଦ୍ଧାରଣ ସହ ସଂରକ୍ଷଣ ନେଇ ତାଲିକା ପ୍ରସ୍ତୁତ ଶେଷ ହେବ। ୨୫ ତାରିଖରେ ଏ ସମ୍ପର୍କରେ ଚିଠା ପ୍ରସ୍ତାବ ତାଲିକା ପ୍ରକାଶ ପରେ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ପୌରାଞ୍ଚଳବାସୀଙ୍କଠାରୁ ଅଭିଯୋଗ ଓ ପରାମର୍ଶ ଗ୍ରହଣ କରାଯିବ। ୧୦ ତାରିଖରେ ଚୂଡାନ୍ତ ତାଲିକା ପ୍ରକାଶ ପାଇବ। ଏଥିରେ କୌଣସି ଆପତ୍ତି ଅଭିଯୋଗ ଥିଲେ ରାଜ୍ୟ ନଗର ଉନ୍ନୟନ ବିଭାଗରେ ଡିସେମ୍ବର ୨୪ରେ ଅଭିଯୋଗପତ୍ର ଦିଆଯାଇ ପାରିବ। ସୂଚନାଯୋଗ୍ୟ, ଗତ ୨୦୧୬ ନଭେମ୍ବରରେ ଗତ ନିର୍ବାଚିତ ବୋର୍ଡର କାର୍ଯ୍ୟକାଳ ସରିଥିଲା। ପରେ ନିର୍ବାଚନ ପାଇଁ ଚିଠା ତାଲିକା ପ୍ରକାଶ ପାଇଥିବା ବେଳେ ୱାର୍ଡ ସୀମା ଓ ସଂରକ୍ଷଣକୁ ନେଇ ପୂର୍ବତନ କାଉନସିଲର ମୁକ୍ତାର ଖାନ ଅଭିଯୋଗ କରିଥିଲେ। ଜିଲା ପ୍ରଶାସନ ଏହାର ସମାଧାନ କରି ପାରି ନ ଥିବାରୁ ସେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ତେବେ ରାଜ୍ୟର ଅନ୍ୟ ପୌର ନିର୍ବାଚନ ପାଇ ପ୍ରକ୍ରିୟା ଆରମ୍ଭ ପରେ ପୂର୍ବତନ କାଉନସିଲର ଖାନ ମାମଲା ପ୍ରତ୍ୟାହାର ପାଇଁ ଆବେଦନ କରିଥିଲେ। ଗତ ଅକ୍ଟୋବର ୩୦ରେ ଏ ନେଇ ଶୁଣାଣି ହୋଇ ମାମଲାକୁ ଖାରଜ କରି ଦିଆଯାଇଥିଲା।

## ଶ୍ରୀବଳଦେବଜୀଉଙ୍କ ପ୍ରଳମ୍ବାସୁର ବଧ ବେଶ


ଶ୍ରୀବଳଦେବଜୀଉ ପ୍ରଳମ୍ବାସୁର ବଧ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି।

**କେନ୍ଦ୍ରାପଡ଼ା ଅଫିସ, ୧୫।୧୧**

କାର୍ତ୍ତିକ ଶୁକ୍ଳ ଏକାଦଶୀ ତିଥିରେ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ପ୍ରଳମ୍ବାସୁର ବଧ ବେଶ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ବେଶ ପାଇଁ ପୁରୀରୁ ଆସିଥିବା ଖଣ୍ଡୁଆ ପାଟକୁ ଶ୍ରୀଜୀଉମାନେ ପରିଧାନ କରିଥିଲେ। ପରମ୍ପରା ଅନୁଯାୟୀ, ଶ୍ରୀଜଗନ୍ନାଥଙ୍କୁ ଶ୍ରୀକୃଷ୍ଣ ବେଶ କରାଯାଇଥିଲା। ଏହି ବେଶ ଦେଖିବା ପାଇଁ ସନ୍ଧ୍ୟା ସମୟରେ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା। ପ୍ରତ୍ୟୁଷରୁ ପୂଜାପଣ୍ଡାଙ୍କ ଦ୍ୱାରା ମନ୍ଦିର ପହଡ ଫିଟାଯାଇ ମଙ୍ଗଳ ଆଳତି ଅନୁଷ୍ଠିତ ହୋଇଥିଲା। ପରେ ନୀତି ସ୍ନାନ ସମାପନ ହୋଇ ଗୋପାଳବଲ୍ଲଭ ଧୂପ ଉଠିଥିଲା। ପୂର୍ବାହ୍ଣ ୧୧ଟାରେ ଖେଚୁଡି ଧୂପ ଉଠିବା ପରେ ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ନୀତିରେ ଦାମୋଦର ଭୋଗ ଲାଗି ହୋଇଥିଲା। ସନ୍ଧ୍ୟାରେ ଶ୍ରୀବଳଦେବଜୀଉ ଶ୍ରୀପୟର (ପାଦ) ପ୍ରଳମ୍ବାସୁର କାନ୍ଧ ଉପରେ ରଖି ବଧ କରୁଥିବା ଦୃଶ୍ୟ ଶ୍ରଦ୍ଧାଳମାନେ ଦର୍ଶନ କରିଥିଲେ। ଏହି ବେଶରେ ୪ ଫୁଟ ଉଚ୍ଚତାର ଏକ କାଷ୍ଠ ନିର୍ମିତ ପ୍ରଳମ୍ବାସୁରଙ୍କ ପ୍ରତିମୂର୍ତ୍ତି ମହାପ୍ରଭୁଙ୍କ ଶ୍ରୀଚରଣରେ ଶୋଭା ପାଉଥିଲା। ଶ୍ରୀଜୀଉଙ୍କ ରୀତିନୀତି ଅନୁଯାୟୀ, ରାତ୍ର ଧୂପ ପୂର୍ବରୁ ରତ୍ନ ସିଂହାସନରେ ଥିବା ଶ୍ରୀଗୋବିନ୍ଦ ଜୀଉଙ୍କୁ ମଣି ବିମାନରେ ବେଢ଼ା ପରିକ୍ରମା କରାଯାଇଥିଲା। ରାତ୍ର ଧୂପ ବଢ଼ିଲା ପରେ ଶ୍ରୀଜୀଉଙ୍କୁ ପଞ୍ଚୁ ଆଳତି ଓ ପରେ ମହାଦୀପ ସୁଆର ସେବାୟତଙ୍କ ଦ୍ୱାରା ମନ୍ଦିରର ଶିଖରକୁ ଉଠିଛି ବୋଲି ଟ୍ରଷ୍ଟ କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ସୂଚନା ଦେଇଛନ୍ତି।

## ସମବାୟ ସମିତି କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ


ଆଳିର କଣ୍ଟିପୁର ସମବାୟ ସମିତି କାର୍ଯ୍ୟାଳୟରେ ତାଲା ପକାଇ କର୍ମଚାରୀମାନେ ବସିଛନ୍ତି।

**ଆଳି,୧୫।୧୧(ଡି.ଏନ.ଏ.)**

ଓଡ଼ିଶା ସମବାୟ ସମିତି କର୍ମଚାରୀ ମହାସଂଘ ଆହ୍ୱାନକ୍ରମେ ସୋମବାର ୫ ଦଫା ଦାବିରେ ଆଳି ଓ ରାଜକନିକା ବ୍ଲକର ୨୭ ସମବାୟ ସମିତିର ସମସ୍ତ କର୍ମଚାରୀ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। କଣ୍ଟିପୁର ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଆଳି ବ୍ଲକ ସମବାୟ ସମିତି ସଂଘ ସମ୍ପାଦକ ବିରଜା ଦାସ, ସଭାପତି ଅଶ୍ୱିନୀ ବେହୁରିଆଙ୍କ ନେତୃତ୍ୱରେ ୧୧ ସମବାୟ ସମିତି, ରାଜକନିକା ବ୍ଲକ ସମବାୟ ସମିତି ସଂଘ ସଭାପତି ଅସିତ ବେହୁରିଆ, ସମ୍ପାଦକ ବଂଶୀଧର ନାୟକଙ୍କ ନେତୃତ୍ୱରେ ୧୬ ସମବାୟ ସମିତିର କର୍ମଚାରୀ ଆନ୍ଦୋଳନରେ ବସିଛନ୍ତି।

ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟ ଦୀର୍ଘବର୍ଷ ହେବ ସେମାନେ କରି ଆସୁଛନ୍ତି। ସମିତିରେ ଋଣ କାରବାରଠାରୁ ଆରମ୍ଭ କରି ବିହନ, ସାର, ଔଷଧ ଆଦି ଚାଷୀମାନଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦେଉଛନ୍ତି। ସେମାନଙ୍କଠାରୁ ଅମଳ କରାଯାଇଥିବା କୃଷିଜାତ ଦ୍ରବ୍ୟ କ୍ରୟ କାର୍ଯ୍ୟ ମଧ୍ୟ କରିଥାନ୍ତି। ତେଣୁ ପ୍ରାଥମିକ ସମବାୟ ସମିତି ଓ ଲ୍ୟାମ୍ପସରେ କାର୍ଯ୍ୟରତ କର୍ମଚାରୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ, ୭ମ ବେତନ କମିଶନଙ୍କ ସୁପାରିଶ ପ୍ରକାରେ ସମସ୍ତ ବର୍ଗ କର୍ମଚାରୀଙ୍କୁ ଦରମା, ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରକାଶିତ ସମିତି, ଲ୍ୟାମ୍ପସ ପ୍ରଶାସନିକ ପାଣ୍ଠି କାର୍ଯ୍ୟକାରୀ କରାଯିବା ସହ ଆଗାମୀ ସମବାୟ ବାର୍ଷିକ ବଜେଟରେ କର୍ମଚାରୀଙ୍କ ଦରମା ଓ ଭତ୍ତା ବାବଦ ୧ ହଜାର କୋଟି ବଜେଟ ଅଟକଳ ମଞ୍ଜୁର କରାଯାଉ, କୋଭିଡ ସମୟରେ ମୃତ କର୍ମଚାରୀଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ସହ କର୍ମଚାରୀଙ୍କ ଲାଗି ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା, ସମବାୟ ତ୍ରିସ୍ତରୀୟ ବ୍ୟବସ୍ଥାର ଉଚ୍ଛେଦ କରାଯାଇ ଦୁଇସ୍ତରୀୟ ବ୍ୟବସ୍ଥାକୁ ପ୍ରଚଳନ କରାଯିବାକୁ ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଆଳି ଓ ରାଜକନିକା ବ୍ଲକର ସମବାୟ ସମିତିର ସମ୍ପାଦକ, ସହସମ୍ପାଦକଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ବିଶ୍ୱ ମଧୁମେହ ଦିବସ ପାଳିତ



ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

**ପାରାଦୀପ, ୧୫।୧୧(ସ୍ୱ.ପ୍ର.)**

ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ବିଶ୍ୱ ମଧୁମେହ ଦିବସ ପାଳିତ ଅବସରରେ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଏଥିରେ ବନ୍ଦର ଚିକିତ୍ସାଳୟର ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ସିଆଇଏସ୍‌ଏଫ ଜବାନ ଓ ଅନ୍ୟ କର୍ମଚାରୀମାନେ ଯୋଗଦେଇଥିଲେ। ପରେ ବନ୍ଦର ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବନ୍ଦର ଅଧକ୍ଷ ପି.ଏଲ ହାରାନ୍ଧ, ଉପାଧ୍ୟକ୍ଷ ଏ.କେ ବୋଷ ପ୍ରମୁଖ ଉପସ୍ଥିତ ଥିଲେ। ପାରାଦୀପ ଲେଡିଜ୍ କ୍ଲବର ସଦସ୍ୟ ଏଥିରେ ସାମିଲ ହୋଇଥିଲେ।

## କଂକ୍ରିଟ୍ ରାସ୍ତା ନ ହେଲେ ଅନଶନ ଚେତାବନୀ

**ନାଉଗାଁ,୧୫।୧୧(ସ୍ୱ.ପ୍ର.)**

ନାଉଗାଁ ବ୍ଲକରୁ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ କରିବାକୁ ସୋମବାର ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବିଡିଓଙ୍କ ଜରିଆରେ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଆସନ୍ତା ୨୨ ମଧ୍ୟରେ ରାସ୍ତା ନିର୍ମାଣ ପାଇଁ ବ୍ୟବସ୍ଥା କରା ନ ଗଲେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବାକୁ ସେମାନେ ଚେତାବନୀ ଦେଇଛନ୍ତି। ଅଭିଯୋଗ ମୁତାବକ, ନାଉଗାଁ ବ୍ଲକ ଅଫିସଠାରୁ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିବା ରାସ୍ତା ଶୋଚନୀୟ ହୋଇପଡିଛି। ଏହା ଉପରେ ୧୬ ପଞ୍ଚାୟତବାସୀ ନିର୍ଭରଶୀଳ। ମାତ୍ର ରାସ୍ତା ଖରାପ ଥିବାରୁ ଯାତୟାତରେ ଅସୁବିଧା ହେଉଛି। ରାସ୍ତା ପାର୍ଶ୍ୱରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ କାର୍ଯ୍ୟାଳୟ, ରାଜୀବ ଗାନ୍ଧୀ ସେବାକେନ୍ଦ୍ର, ସେବା ସମବାୟ ସମିତି, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରହିଛି। ଏହାକୁ ମରାମତି ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ବାରମ୍ବାର ଦାବି କରାଯାଇଛି। ମାତ୍ର କୌଣସି ସୁଫଳ ମିଳୁନାହିଁ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି।

# ଜାନୁୟାରୀ ୭ରୁ ପ୍ରଥମ ପର୍ଯ୍ୟାୟ ମଣ୍ଡି ଖୋଲିବ

**ଜଗତ୍‌ସିଂହପୁର ଅଫିସ, ୧୫।୧୧**

**ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ**

- ପ୍ରତି ରବିବାର ମଣ୍ଡିରେ ଧାନ ସଂଗ୍ରହ
- ୧,୧୭,୩୫୨,୯୪୧ ମେଟ୍ରିକ ଟନ୍ ଧାନ ସଂଗ୍ରହ ଲକ୍ଷ୍ୟ


ବୈଠକରେ ଜିଲାପାଳ, ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ଜାନୁୟାରୀ ୭ ରୁ ମଣ୍ଡି ଖୋଲିବ। ୩ଟି ପର୍ଯ୍ୟାୟରେ ଜଗତ୍‌ସିଂହପୁର ଜିଲାରେ ମଣ୍ଡି ଖୋଲାଯିବା ସହ ଧାନ ସଂଗ୍ରହ ଅଭିଯାନ ଆରମ୍ଭ ହେବ। ୭ରେ ରଘୁନାଥପୁର, ୧୫ରେ ଜଗତ୍‌ସିଂହପୁର, ନାଉଗାଁ, ବିରିଡ଼ି, ବାଲିକୁଦା, ଏରସମା, କୁଜଙ୍ଗ ଏବଂ ୨୦ରେ ତିର୍ତ୍ତୋଲ ବ୍ଲକରେ ମଣ୍ଡି ଖୋଲାଯିବ। ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ୨୦୨୧-୨୨ ଖରିଫ ଋତୁ ପାଇଁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ପୌରୋହିତ୍ୟ କରି ଜିଲାପାଳ ପାରୁଲ ପଟୱାରି ଏହା କହିଛନ୍ତି। ସେ କହିଛନ୍ତି, ପ୍ରତି ରବିବାର ମଧ୍ୟ ମଣ୍ଡିରେ ଧାନ ସଂଗ୍ରହ କରାଯିବ। ପ୍ରତ୍ୟେକ ନିୟନ୍ତ୍ରିତ ବଜାର କମିଟି ତରଫରୁ ସମସ୍ତ ପ୍ୟାକ୍ସକୁ ୨ଟି ଲେଖାଏ ତାରପୋଲିନ୍ ଯୋଗାଇ ଦିଆଯିବ। ଏବର୍ଷ ଜିଲାରୁ ୧,୧୭,୩୫୨.୯୪୧ ମେଟ୍ରିକ ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ସାଧାରଣ ଏଫ୍‌ଏକ୍ୟୁ ଧାନ କୁଇଣ୍ଟାଲ ପ୍ରତି ୧୯୪୦ ରଖାଯାଇଥିବାବେଳେ ଏ- ଗ୍ରେଡ୍ ପାଇଁ ୧୯୬୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଜିଲାରେ ୧୦୫ଟି କୃଷକ ସମବାୟ ସମିତି ମାଧ୍ୟମରେ ଧାନ ସଂଗ୍ରହ କରାଯିବ। ପ୍ରତି ବ୍ଲକରେ ଗୋଟିଏ ଲେଖାଏ ମହିଳା ସ୍ୱୟଂ ସହାୟିକା ଦଳକୁ ଧାନ ସଂଗ୍ରହରେ ନିୟୋଜିତ କରାଯିବ। ୪୫,୩୮୧ ଜଣ ଚାଷୀ ଧାନ ସଂଗ୍ରହ ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି। ଜଗତ୍‌ସିଂହପୁର ଓ ରାହାମା ନିୟନ୍ତ୍ରିତ ବଜାର କମିଟି ଚାଷୀଙ୍କ ସଚେତନତା ନିମନ୍ତେ ବ୍ୟାପକ ପ୍ରଚାର ପ୍ରସାର କରିବେ। ସୋସାଇଟିସ୍ତରୀୟ ଧାନ ସଂଗ୍ରହ କମିଟିରେ ଆର୍‌ଆଇ, ଭିଏଡବ୍ଲ୍ୟୁ, ଇଓ ଏବଂ ୩ ରୁ ୬ ଜଣ ଚାଷୀ ସଭ୍ୟ ରହିବେ। ସେଣ୍ଟ୍ରାଲ ସର୍ଭର ମାଧ୍ୟମରେ ଅଗ୍ରିମ ଟୋକନ୍ ଜେନେରେଟ୍ କରିହେବ। ଟୋକନ୍‌ର ଅବଧି ୩୦ ଦିନ ରହିବ। ଜଣେ ପଞ୍ଜୀକୃତ ଚାଷୀ ୧୯୬୭କୁ ଡାଏଲ୍ କଲେ ଟୋକନ୍ ଷ୍ଟାଟସ୍, ଜମି ପରିମାଣ ଓ ପେମେଣ୍ଟ ଷ୍ଟାଟସ୍ ଜାଣିପାରିବ ବୋଲି ଜିଲାପାଳ କହିଥିଲେ। ବୈଠକରେ ମୁଖ୍ୟ ଅତିଥିଭାବେ ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ କହିଥିଲେ, ଚାଷୀଙ୍କଠାରୁ ଧାନ ସଂଗ୍ରହ ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ସୁବ୍ୟବସ୍ଥା କରିବାକୁ ହେବ। ଏମ୍‌ପି ରାଜଶ୍ରୀ ମଲ୍ଲିକ ଆଲୋଚନା ଅନୁଯାୟୀ, ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଜିଲା ଯୋଗାଣ ଅଧିକାରୀ ସୁଜାତା ମିଶ୍ର ଡିଆର୍‌ସିଏସ୍ ରୁଦ୍ର ପ୍ରସାଦ ଦାସ, ଏଆର୍‌ସିଏସ୍ ସୁଭଦ୍ରା ପଟ୍ଟନାୟକ, ଅତିରିକ୍ତ ଯୋଗାଣ ଅଧିକାରୀ ରୋହିତ କୁମାର ଦାସଙ୍କ ସମେତ ଜିଲା ମୁଖ୍ୟ କୃଷି ଅଧିକାରୀ, ଆର୍‌ଏମ୍‌ସି ସମ୍ପାଦକ, ମିଲର ଓ ଚାଷୀ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଶେଷରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ଧନ୍ୟବାଦ ଦେଇଥିଲେ।

## ହିମାଚଳପ୍ରଦେଶରେ ସେଲ୍‌ଫି ନେଲା ବେଳେ ଛାତ୍ରୀଙ୍କ ମୃତ୍ୟୁ

**ରାଜନଗର, ୧୫।୧୧(ଡି.ଏନ.ଏ.)**

ହିମାଚଳପ୍ରଦେଶରେ ବାପା ପାଣି ପାଇପ କାମ କରୁଥିବା ବେଳେ ଝିଅ ସେଠାରେ ପାଠପଢାରେ ସଫଳତା ପାଇଥିଲେ। ଏଥିପାଇଁ ମେଧାବୀ ଛାତ୍ରୀଙ୍କୁ ହିମାଚଳପ୍ରଦେଶରେ ସମ୍ବର୍ଦ୍ଧିତ କରାଯାଇଥିଲା। ମାତ୍ର ସେଲଫି ନେବା ବେଳେ ପାଣିକୁ ଖସି ପଡି ମେଧାବୀ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ରାଜନଗର ବ୍ଲକ ଘଡିଆମାଳ ଗାଁର ବିଷ୍ଣୁ ଚରଣ ବିଶ୍ୱାଳ ହିମାଚଳପ୍ରଦେଶର ମୋନାଲିକୁଲା ଅଞ୍ଚଳରେ ପାଣି ପାଇପ କାମ କରୁଥିଲେ। ୨ ଝିଅ ଓ ସ୍ତ୍ରୀ ସହ ସେଠାରେ ରହୁଥିଲେ। ବଡ ଝିଅ ତାନିସା (୧୯) କମ୍ପ୍ୟୁଟର ସାଇନ୍ସ ପାଠ ପଢୁଥିଲେ। ସେ ମାଟ୍ରିକ ଓ ଯୁକ୍ତ୨ ରେ ୯୫ ପ୍ରତିଶତ ନମ୍ବର ରଖି ସେ ଅଞ୍ଚଳରେ ସମ୍ବର୍ଦ୍ଧିତ ହୋଇଥିଲେ। ଜଣେ ମେଧାବୀ ଛାତ୍ରୀ ଭାବେ ତାନିସାଙ୍କ ପରିଚୟ ଥିଲା। ଗତ ୧୫ଦିନ ତଳେ ସେଲ୍‌ଫି ନେବା ବେଳେ ପାଣି ମଧ୍ୟକୁ ଖସି ପଡି ନିଖୋଜ ହୋଇଯାଇଥିଲେ। ଖୋଜାଖୋଜି ପରେ ୫ଦିନ ପରେ ମୃତଦେହ ମିଳିଥିଲା। ପରେ ପରିବାର ଲୋକେ ଗାଁକୁ ଚାଲି ଆସିଛନ୍ତି। ମେଧାବୀ ଝିଅକୁ ନେଇ ସ୍ୱପ୍ନ ଦେଖିଥିବା ପରିବାର ଏବେ ଶୋକାକୁଳ ପରିବେଶରେ ଦିନ କାଟୁଛନ୍ତି।

## ଆସନ୍ତା ନିର୍ବାଚନରେ ଓଡ଼ିଶା ପ୍ରଗତି ଦଳ ଭାଗ ନେବ

**କେନ୍ଦ୍ରାପଡ଼ା ଅଫିସ, ୧୫।୧୧**

ଓଡ଼ିଶା ପ୍ରଗତି ଦଳ ଆସନ୍ତା ତ୍ରିସ୍ତରୀୟ ନିର୍ବାଚନରେ ଭାଗ ନେବ। ରାଜ୍ୟର ସମସ୍ତ ଜିଲାର ଜିଲା ପରିଷଦ, ପୌର ପରିଷଦ ଓ ବିଜ୍ଞାପିତ ପରିଷଦରେ ପ୍ରାର୍ଥୀ ଦେବା ସହ ଏକାକୀ ଲଢ଼ିବ। ଏହି ନିଷ୍ପତ୍ତି ପରେ କେନ୍ଦ୍ରାପଡ଼ା ଜିଲା ପୌର ପରିଷଦ ପାଇଁ ପ୍ରସ୍ତୁତ ଥିବା ରାଜ୍ୟ ଛାତ୍ର ସଭାପତି ସୁନୀଲ କୁମାର ମହାପାତ୍ର ଏକ ପ୍ରେସ୍ ରିଲିଜ ମାଧ୍ୟମରେ ସୂଚନା ଦେଇଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି, ନିର୍ବାଚନ ପ୍ରକ୍ରିୟାକୁ ଓହ୍ଲାଇ ଏକ ସୁନ୍ଦର ଓଡ଼ିଶା ଗଠନ ପାଇଁ ଏହି ଦଳ ନିଷ୍ପତ୍ତି ନେଇଛି। ଏଥିପାଇଁ ନାରୀ ଶକ୍ତିକୁ ସ୍ୱାବଲମ୍ବୀ ଓ ସୁଦୃଢ଼ କରିବା, ଟେକ୍ନୋଲୋଜିକୁ ଗୁରୁତ୍ୱ ଦେବା, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ପରି ମୌଳିକ ସୁବିଧା ସମସ୍ତଙ୍କ ନିକଟରେ ପହଞ୍ଚାଇବା, ଜଳବାୟୁ ପରିବର୍ତ୍ତନକୁ ଗୁରୁତ୍ୱ ଦେବା ଆଦିକୁ ଗୁରୁତ୍ୱ ଦିଆଯାଇ ଏଜେଣ୍ଡା ସ୍ଥିର ହୋଇଥିବା ରାଜ୍ୟ ଛାତ୍ର ସଭାପତି ମହାପାତ୍ର ଉଲ୍ଲେଖ କରିଛନ୍ତି।

## ଧାନକ୍ରୟ କମିଟି ସଭ୍ୟ ତାଲିକାରେ ହେରଫେର ଅଭିଯୋଗ

**ରଘୁନାଥପୁର,୧୫।୧୧(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ଜଗନାଥପୁର କୃଷି ସମବାୟ ସମିତି ଧାନ କ୍ରୟକମିଟି ସଭ୍ୟ ତାଲିକାରେ ନାମ ହେରଫେର କରାଯାଇଛି ବୋଲି ସୋମବାର ବିଡିଓଙ୍କ ନିକଟରେ ଚାଷୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଅକ୍ଟୋବର ୨୯ରେ ଧାନ ମଣ୍ଡିରେ କ୍ରୟ କମିଟି ସଭ୍ୟ ଚୟନ ପାଇଁ ସମିତି ସମ୍ପାଦକ କପିଳେନ୍ଦ୍ର ପରିଡା ଏକ ବୈଠକ ଡାକିଥିଲେ। ଏଥିରେ ରଘୁନାଥପୁର, ଜଗନାଥପୁର ଓ ଧରାଧାରପୁର ପଞ୍ଚାୟତର ଚାଷୀମାନେ ଯୋଗଦେଇଥିଲେ। ବୈଠକରେ ପ୍ରତି ପଞ୍ଚାୟତରୁ ଚାଷୀଙ୍କୁ ନାମ ସଭ୍ୟ ପଦ ପାଇଁ ମନୋନୀତ କରାଯାଇଥିଲା। ଏସବୁ ନାମର ସ୍ୱୀକୃତି ନିମନ୍ତେ ସମ୍ପାଦକ ପରିଡା ବ୍ଲକ ଏମ୍‌ଆଇ(ମେଜରମେଣ୍ଟ ଇନ୍‌ସ୍ପେକ୍ଟର)ଙ୍କ ଜରିଆରେ ବିଡିଓଙ୍କ ନିକଟକୁ ପଠାଇଥିଲେ। ମାତ୍ର ବିଡିଓଙ୍କ ନିକଟରେ ଥିବା କମିଟି ତାଲିକାରୁ ଧରାଧାରପୁର ପଞ୍ଚାୟତର ସଞ୍ଜୀବ କୁମାର ଦାସ ଓ ପ୍ରଶାନ୍ତ ପୃଷ୍ଟିଙ୍କ ନାମ କଟାଯାଇ ଅନ୍ୟ ୨ ଜଣଙ୍କ ନାମ ରଖାଯାଇଛି ବୋଲି ଚାଷୀ ରଞ୍ଜନ କୁମାର ସ୍ୱାଇଁ, ରାମଚନ୍ଦ୍ର ଜେନା, ନିମାଇଁ ଚରଣ ବସ୍ତିଆ, ପ୍ରିୟରଞ୍ଜନ ସ୍ୱାଇଁ, ଅନାମ ଚନ୍ଦ୍ର ବିଶ୍ୱାଳ ଓ ବାବୁଲି ଜେନା ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସମ୍ପାଦକ ପରିଡା କହିଛନ୍ତି, ସେ ପଠେଇବା ଥିବା ତାଲିକାରେ ଚୟନ କରାଯାଇଥିବା ସମସ୍ତ ଚାଷୀଙ୍କ ନାମ ଥିଲା। ତେବେ ସଞ୍ଜୀବ ଓ ପ୍ରଶାନ୍ତଙ୍କ ନାମ କିପରି ତାଲିକାରୁ କଟିଲା ସେବିଷୟରେ କିଛି ଜାଣି ନାହାନ୍ତି ବୋଲି କହିଛନ୍ତି। ଏନେଇ ଏମ୍‌ଆଇ ଇତିରେଖା ଶର୍ମାଙ୍କୁ ମୋବାଇଲ ଫୋନ ମାଧ୍ୟମରେ ଯୋଗାଯୋଗ କରାଯାଇଥିଲା। ମାତ୍ର ତାଙ୍କ ମୋବାଇଲ ସୁଇଚ୍ ଅଫ ରହିଥିଲା। ଏବିଷୟରେ ବିଡିଓ ଜିତେନ୍ଦ୍ର କୁମାର ନାୟକ କୁହନ୍ତି, ଚାଷୀଙ୍କ ବୈଠକରେ ମନୋନୀତ ହୋଇଥିବା ବ୍ୟକ୍ତି ହିଁ କମିଟିରେ ସଭ୍ୟ ହୋଇପାରିବେ। ତେବେ ଉକ୍ତ ୨ଟି ନାମ କାହିଁକି କଟାଯାଇଛି ସେ ସମ୍ପର୍କରେ ଏମ୍‌ଆଇଙ୍କୁ ପଚରାଯିବ।

# ଚାଷୀଙ୍କ ଉପରେ ଦାଉ ସାଧୁଛି ବର୍ଷା

ନୂଆଗାଁ,୧୫।୧୧ (ଡି.ଏନ.ଏ.)

ଚାଷୀ ମୁଣ୍ଡରେ ଗୋଟିଏ ପରେ ଗୋଟିଏ ଚଡକ ପଡୁଛି। କେତେବେଳେ ବର୍ଷା ଅଭାବ ତ ଆଉ କେତେବେଳେ ଲଗାତାର ଭାବେ ବର୍ଷା। ପୁଣି କେତେବେଳେ ହାତୀ ଫସଲ ଖାଇ ଗଲାଣି ତ ଆଉ କେତେବେଳେ ବାର୍‌ହା ଧାନ ଉଜାଡି ଦେଲାଣି। ଏବେ ଲଗାଣ ବର୍ଷା ଚାଷୀଙ୍କ ଉପରେ ଦାଉ ସାଧୁଛି।

କରୋନା ମହାମାରୀ ଫଳରେ ୨ ବର୍ଷ ହେଲା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଯାଇଛି। ଚାଷୀ କ୍ଷତିର କିଛି ଅଂଶ ଚଳିତବର୍ଷ ଭରଣା କରିବାର ଆଶା ବାନ୍ଧିଥିଲା। କିନ୍ତୁ କ୍ଷତିଭରଣା ହେବା ତ ଦୂରର କଥା ଚାଷୀ ମୁଣ୍ଡରେ ଚିନ୍ତା ବଢ଼ିବାରେ ଲାଗିଛି। ଧାନ ଫସଲର ଆଶା ରଖି ଚାଷୀ ଧାରକରଜ କରି ତଳି ପକାଇ ରୁଆ କାମ ଆରମ୍ଭ କରିଥିଲା। କିନ୍ତୁ ଧାନ ଅଧା ରୁଆ ବେଳେ ବର୍ଷାର ଅଭାବ ଦେଖା ଦେବାରୁ ରୁଆ ହୋଇଥିବା ଧାନ ତଳି ଶୁଖି ଯାଇଥିଲା। ବଳକା ରହିଯାଇଥିବା ଧାନ ଫସଲରୁ କିଛି ଫସଲ ହାତୀ ଓ ବାର୍‌ହା ନଷ୍ଟ କରି ଦେଇଥିଲେ। ଚାଷୀ ଜମି ନିକଟରେ ଭାଡିଆ କରି ଫସଲ ଜଗି ରଖି ଧାନ ଅମଳ କରିବାର ଆଶା ବାନ୍ଧିଥିଲା। ଧାନ ଅମଳ ସମୟରେ ବର୍ଷା ବଳକା ଫସଲକୁ ଉଜାଡି ଦେଇଛି। ନୂଆଗାଁ ବ୍ଲକର ଅନେକ ସ୍ଥାନରେ ଚାଷୀ ଧାନ କାଟି ପକାଇଥିବା ବେଳେ ଆଉ କେତେକ ସ୍ଥାନରେ ଧାନ କାଟିବାର ଯୋଜନା ରଖିଥିଲା। କିନ୍ତୁ ଲଗାଣ ବର୍ଷା ହେବା ଫଳରେ ଧାନ ବିଲରେ ପାଣି ଧାର ଚାଲିଛି। କଟା ଯାଇଥିବା ପାଚିଲା ଧାନ ଗଛ ପାଣିରେ ବୁଡି ରହିଛି। ଯାହାକ ଅମଳ କରିବା ଚାଷୀଙ୍କ ପକ୍ଷେ ସମ୍ଭବ ନୁହେଁ। ତେଣୁ ଚାଷୀ କୂଳର କ୍ଷତିକୁ


ପାଣିରେ ବୁଡ଼ି ରହିଛି ପାଚିଲା ଧାନ।

### ଉଜୁଡ଼ିଗଲା ଶତାଧିକ ଏକର ଧାନ ଫସଲ

ଦୃଷ୍ଟିରେ ରଖି ସରକାର କ୍ଷତି ଭରଣା କରିବାକୁ ନୂଆଗାଁ ବ୍ଲକର ବିପ୍ର ଚରଣ ସାସମଲ, ଶରତ ଚନ୍ଦ୍ର ସ୍ୱାଇଁ, ଭାବଗ୍ରାହୀ ପ୍ରଧାନ, ମହେଶ୍ୱର ମହାନ୍ତି, ପ୍ରକାଶ କୁମାର ସାହୁ, ସୁଧୀର କୁମାର ପ୍ରଧାନଙ୍କ ସମେତ ଚାହାଳି, ଦୁର୍ଦ୍ଧୁରା, ବଡଗୋଠ ଆଦି ଅଞ୍ଚଳର ଚାଷୀ ଦାବି କରିଛନ୍ତି। କ୍ଷତି ଭରଣା ବାବଦରେ ନୂଆଗାଁ ତହସିଲଦାର ପ୍ରଳୟାନନ୍ଦ ଶତପଥୀଙ୍କୁ ପଚାରିବାରେ ସରକାରଙ୍କ ଯାହା ନିର୍ଦ୍ଦେଶ ଆସିବ, ସେହି ଅନୁସାରେ କାର୍ଯ୍ୟ କରାଯିବ ବୋଲି କହିଛନ୍ତି। କୃଷି ଅଧିକାରୀ ପୂଜା କଅଁରଙ୍କୁ ପଚାରିବାରୁ ଯେଉଁ ଚାଷୀମାନଙ୍କ ଫସଲ ବୀମା ଥିବା କ୍ଷୟକ୍ଷତିର ଆକଳନ ପରେ ଯାହାକିଛି ଅର୍ଥ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଉପଜିଲାପାଳଙ୍କୁ ଭେଟିଲେ ଛାତ୍ରୀଛାତ୍ର

**ନୟାଗଡ଼ ଅଫିସ,୧୫।୧୧:** ବରସାହି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରୁ ୨ଜଣ ଶିକ୍ଷକଙ୍କ ବଦଳି ହୋଇଛି। ସ୍କୁଲରୁ ଶିକ୍ଷକଙ୍କ ବଦଳି ପରେ ଗଣିତ ଓ ବିଜ୍ଞାନ ପାଠପଢ଼ା ରେ ବ୍ୟାଘାତ ସୃଷ୍ଟି ହୋଇଛି। ଏଣୁ ଛାତ୍ରୀଛାତ୍ରମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଦେଇ ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ କରିବାକୁ ନିବେଦନ କରିଛନ୍ତି। ଏନେଇ ଛାତ୍ରୀଛାତ୍ର ଉପଜିଲପାଳଙ୍କୁ ସ୍ମାରକପତ୍ର ଦେଇଛନ୍ତି।

### ଶ୍ରୀଜଗନ୍ନାଥ ଜୀଉଙ୍କ ନଟବର ବେଶ



**ଖଣ୍ଡପଡ଼ା,୧୫।୧୧(ସ୍ୱ.ପ୍ର.):** ପବିତ୍ର କାର୍ତ୍ତିକ ମାସର ଏକାଦଶୀ ତିଥି ଅବସରରେ ଖଣ୍ଡପଡା ଶ୍ରୀଜଗନ୍ନାଥ ଜୀଉଙ୍କ ନଟବର ବେଶ ସୋମବାର ଅନୁଷ୍ଠିତ ହୋଇଥିଲା। ପୂଜକମାନେ ଶ୍ରୀଜୀଉଙ୍କୁ ନଟବର ବେଶରେ ସଜ୍ଜିତ କରିବା ପରେ ଶତାଧିକ ଶ୍ରଦ୍ଧାଳୁ ମନ୍ଦିର ପରିସରରେ ଉପସ୍ଥିତ ରହି ବିଗ୍ରହଙ୍କ ବେଶ ଦର୍ଶନ କରିଥିଲେ। କାର୍ତ୍ତିକ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ଜୀଉ ବିଭିନ୍ନ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ ବୋଲି ମନ୍ଦିରର ପୂଜକମାନେ ଜଣାଇଛନ୍ତି।

### କାର୍- ବାଇକ୍ ଧକ୍କା, ଯୁବତୀ ମୃତ

**ଗୋପାଳପୁର,୧୫।୧୧(ଡି.ଏନ.ଏ.):** ଗୋଳନ୍ଥରା ଥାନାଞ୍ଚଳରେ ବାଇକ୍ ଓ କାର୍ ଧକ୍କାରେ ସୋମବାର ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ମୃତ ଯୁବତୀ ଜଣକ ହେଲେ ଜରଡ଼ା ଥାନା ଆମ୍ବପୁର ଗ୍ରାମର ଡିଲେଶ୍ୱରୀ ସେଠୀ ଓ ଗୁରୁତର ଯୁବକ ଜଣକ କେ.ନୂଆଗାଁ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ଆମ୍ବପୁର ଗ୍ରାମର ଡିଲେଶ୍ୱରୀ ଜଣେ ଯୁବକଙ୍କ ସହ ବାଇକ୍ ଯୋଗେ ସୋମବାର ଗୋଳନ୍ଥରା ଥାନା ଘଟେଶ୍ୱର ମନ୍ଦିରକୁ ଦର୍ଶନ ପାଇଁ ଆସିଥିଲେ। ସେଠାରୁ ଉଭୟେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ କନ୍ହେଇପୁଟ ବୁଲାଣି ରାସ୍ତାରେ ଏକ କାର୍ ସହ ବାଇକ୍ ଧକ୍କା ହୋଇଥିଲା। ଫଳରେ ସେମାନେ ରାସ୍ତା କଡ଼ରେ ଛିଟିକି ହୋଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଡିଲେଶ୍ୱରୀଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଗୋଳନ୍ଥରା ଥାନା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର୍ ଓ ବାଇକ୍‌କୁ ଜବତ କରିଛି। ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

### ପରିମଳ ବ୍ୟବସ୍ଥାକୁ ନେଇ ସଚେତନତା

**ପାରଳାଖେମୁଣ୍ଡି,୧୫।୧୧(ଡି.ଏନ୍.ଏ.):** ପାରଳାଖେମୁଣ୍ଡି ମ୍ୟୁନିସିପାଲିଟି ପକ୍ଷରୁ ସହରକୁ ସ୍ୱଚ୍ଛ ସୁନ୍ଦର ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି। ଏ ନେଇ ସୋମବାର ମ୍ୟୁନିସିପାଲିଟିର ସ୍ୱଚ୍ଛ ସାଥୀ ଓ ଅନ୍ୟ କର୍ମଚାରୀଙ୍କ ଦ୍ୱାରା ବସ୍ତି ଅଞ୍ଚଳରେ ସଚେତନ କରାଯାଇଛି। ସହରର ୧୪ ଓ ୧୬ ନମ୍ବର ୱାର୍ଡର ବିଭିନ୍ନ ସାହିରେ ଘରଘର ବୁଲି ପରିବେଶ ସ୍ୱଚ୍ଛ ସମ୍ପର୍କରେ ସଚେତନ କରିବା ସହ ଶୌଚାଳୟ ବ୍ୟବହାର ଓ ଅଳିଆ ଆବର୍ଜନାକୁ ବାହାରେ ନ ଫୋପାଡି ଅଳିଆ ଡବାରେ ପକାଇବା ପାଇଁ ସଚେତନ କରିଥିଲେ।

# ଲଗାଣବର୍ଷାରେ ଭୁଶୁଡ଼ିପଡ଼ିଲା ଘର

ନୂଆଗାଁ, ୧୫।୧୧ (ଡି.ଏନ.ଏ.)

ଲଗାଣବର୍ଷା ଯୋଗୁ ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମହୀପୁର ପଞ୍ଚାୟତ ନନ୍ଦିଘୋଷପୁର ଗାଁର ୨ଟି କଚା ଘର ଭୁଶୁଡି ପଡିଛି। ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ନନ୍ଦିଘୋଷପୁର ଦେଇ ପ୍ରଧାନମନ୍ତ୍ରୀ ସଡକ ଯାଉଥିବାରୁ ରାସ୍ତା ନିର୍ମାଣ କରିବାକୁ ବୃନ୍ଦାବନ ସ୍ୱାଇଁ ଓ ହଜାରୀ ସ୍ୱାଇଁଙ୍କ ଘରର ସାମ୍ନାପଟ ଭାଙ୍ଗି ଦିଆଯାଇଥିଲା। ଅର୍ଥ ଅଭାବ ଯୋଗୁ ସେମାନେ ଘରକୁ ପୁନର୍ବାର ନିର୍ମାଣ କରି ପାରି ନ ଥିଲେ। ସେହି ଅଧା ଭଙ୍ଗା ଘରେ ଚଳି ଯାଉଥିଲେ। କିନ୍ତୁ ଲଗାଣବର୍ଷା ଏହି ପରିବାର ଉପରେ ଦାଉ ସାଜିଛି। ବର୍ଷା ହେବା ଫଳରେ ପାଣି ପଡି ଘର ଦୁଇଟି ସମ୍ପୂର୍ଣ୍ଣ ଭୁଶୁଡି ପଡିଛି। ସୋମବାର ସକାଳ ୮ଟାରେ ଘର ଭାଙ୍ଗି ପଡିବାରୁ ପରିବାର ଲୋକେ ବାହରକୁ ଚାଲି ଆସିବାରୁ ବଡ ବିପଦରୁ ବର୍ତ୍ତୀ ଯାଇଛନ୍ତି। ଏ ନେଇ ଦୁଇ ପରିବାର ପକ୍ଷରୁ ନୂଆଗାଁ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଯାଇଛି।


ଲଗାଣ ବର୍ଷାରେ ଭୁଶୁଡି ପଡ଼ିଥିବା ଘର।

### ବର୍ତ୍ତିଗଲେ ପରିବାର ଲୋକେ

ଏ ସମ୍ପର୍କରେ ତହସିଲଦାର ପ୍ରଳୟାନନ୍ଦ ଶତପଥୀଙ୍କୁ ପଚାରିବାରେ ଅନୁରୂପ ଭାବେ ଆଉ ୨ଟି ସ୍ଥାନରେ ଲଗାଣ ବର୍ଷା ଫଳରେ ଗୃହ ଭୁଶୁଡି ପଡିଥିବା ନେଇ ଅଭିଯୋଗ ଆସିଛି। ତାହାର ତଦନ୍ତ କରି ଅତି ଶୀଘ୍ର ରିପୋର୍ଟ ଦାଖଲ କରିବାକୁ ଆରଆଇମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କ୍ଷୟକ୍ଷତିର ଆକଳନ ପରେ ସେମାନଙ୍କୁ ଯଥା ସମ୍ଭବ ସାହାଯ୍ୟ କରାଯିବ ବୋଲି ସେ କହିଛନ୍ତି।

# ଆହତ କାହ୍ନାର ଚିକିତ୍ସା ପାଇଁ ସହାୟତା

### ସ୍ୱେଚ୍ଛାସେବୀ ସଂଗ୍ରହ କରି ଦେଲେ ୫୦ ହଜାର

ନୟାଗଡ଼ ଅଫିସ,୧୫।୧୧

ନୟାଗଡ଼ ଜିଲା ଭାପୁର ବ୍ଲକ ଜାମୁସାହି ଭାପୁର ରାସ୍ତାରେ ଟ୍ରକ ଧକ୍କାରେ ବାମଗୋଡ ହରାଇଥିବା କାହ୍ନା ମହାନ୍ତି (୧୦)ଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପାଇଁ ନିବେଦନ କରିଛନ୍ତି ତାଙ୍କ ବାପା ପ୍ରମୋଦ ମହାନ୍ତି। କାହ୍ନାଙ୍କ ଚିକିତ୍ସା ପାଇଁ ୮ ଲକ୍ଷ ଟଙ୍କା ଦରକାର। ଦୁର୍ଘଟଣା ଘଟାଇଥିବା ଟ୍ରକର ମାଲିକ ୧ ଲକ୍ଷ ଟଙ୍କା ଦେଇଛନ୍ତି। ବଡସହରା ଗାଁର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦର୍ଶବାଦୀ ୟଙ୍ଗ ଷ୍ଟାରର ସଦସ୍ୟମାନେ ଟଙ୍କାଟିଏ ଅଭିଯାନ କରି ଫୋନ ଓ ଗୁଗୁଲ ପେ ଯୋଗେ ସୋମବାର ୫୦ ହଜାର ସଂଗ୍ରହ କରି ଦେଇଛନ୍ତି। ଅନ୍ୟପକ୍ଷେ ଘରକୁ ଘର ବୁଲି ସଂଗୃହୀତ ଅର୍ଥ ମଧ୍ୟ ପଠାଇବେ ବୋଲି ସ୍ୱେଚ୍ଛାସେବୀମାନେ କହିଛନ୍ତି। ସେହିପରି ସରକାର ଓ ବେସରକାରୀସ୍ତରରେ ଆର୍ଥିକ ସହାୟତା ଯୋଗାଇ ଦେବାକୁ କାହ୍ନାଙ୍କ ବାପା ନିବେଦନ କରିଛନ୍ତି। ପ୍ରକାଶ ଯେ, ଫତେଗଡ ଥାନା ଜାମୁସାହି ନିକଟରେ ଗତ ଗୁରୁବାର ପୂର୍ବାହ୍ନରେ ମାଲ ବୋଝେଇ ଟିପ୍ପର ଧକ୍କାରେ ଜାମୁସାହିର ୪ର୍ଥ ଶ୍ରେଣୀ ଛାତ୍ର କାହ୍ନା ଆହତ ହୋଇଥିଲେ। ସେ ଏବେ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି।

# ଗଜଉଦ୍ଧାରଣ ବେଶରେ ଦର୍ଶନ ଦେଲେ ଶ୍ରୀଜୀଉ

ନୟାଗଡ଼ ଅଫିସ,୧୫।୧୧

ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଶରଣକୁଳ ଲଡୁବାବାଙ୍କ ପାର୍ଶ୍ୱ ଦେବତା ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଗଜଉଦ୍ଧାରଣ ବେଶ ସୋମବାର ଅନୁଷ୍ଠିତ ହୋଇଥିଲା। ଗଜ ଉଦ୍ଧାରଣ ବେଶକୁ କୋଭିଡ୍ କଟକଣା ମଧ୍ୟରେ ଭକ୍ତମାନେ ଦର୍ଶନ କରିଥିଲେ। ପୌରାଣିକ ତଥ୍ୟ ଅନୁସାରେ ଜଳ ମଧ୍ୟରେ କୁମ୍ଭୀର କବଳରୁ ରକ୍ଷା କରିବାକୁ ହସ୍ତୀର ପ୍ରାର୍ଥନା ଶୁଣିଥିଲେ ପ୍ରଭୁ ନାରାୟଣ। ଚକ୍ର ପେଶି କୁମ୍ଭୀରକୁ ନିହତ କରିଥିଲେ। ସୁନିଲ ବଡପଣ୍ଡା ପୂଜକ ଭାବେ ଦାୟିତ୍ୱ ସମ୍ପାଦନା କରିଥିବାବେଳେ ସମସ୍ତ ସେବାୟତ ଓ ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ବରାଡ ଏଥିରେ ସହଯୋଗ କରିଥିଲେ।


ଶରଣକୁଳ ଜଗନ୍ନାଥ ମନ୍ଦିରରେ ଗଜଉଦ୍ଧାରଣ ବେଶ।

# ଗଣଧାରଣା, ବିକ୍ଷୋଭ

ନୟାଗଡ଼ ଅଫିସ,୧୫।୧୧

ନୟାଗଡ଼ ଜିଲା ଏସ୍‌ଇଏମ୍ ଓ ପମ୍ପ ଚାଳକ କର୍ମଚାରୀ ମହାସଂଘ ପକ୍ଷରୁ ୮ ଦଫା ଦାବି ନେଇ ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବା ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏସ୍‌ଇଏମ୍ ଓ ପମ୍ପ ଚାଳକମାନେ ୮ ଦଫା ଦାବି ନେଇ ସେପ୍ଟେମ୍ବର ୨୫ରୁ ଭୁବନେଶ୍ୱର ଲୋଏର ପିଏମ୍‌ଜିରେ ଧାରଣା ଦେଇଛନ୍ତି। ଅନ୍ୟପକ୍ଷେ ଅକ୍ଟୋବର ୨୯ରୁ ଏସ୍‌ଇଏମ ଓ ପମ୍ପ ଚାଳକ କର୍ମଚାରୀମାନେ ଜଳଯୋଗାଣ କ୍ଷେତ୍ରରେ ସହଯୋଗ କରୁ ନାହାନ୍ତି। ତେବେ ସରକାର ଏସ୍‌ଇଏମ ଓ ପମ୍ପ ଚାଳକମାନଙ୍କ ଦାବିକୁ ଅଣଦେଖା କରି ଆସୁଛନ୍ତି। ଏହାର ପ୍ରତିବାଦରେ ଜିଲା ଓ ବ୍ଲକ ସଦର ମହକୁମାରେ ଆନ୍ଦୋଳନ ଆରମ୍ଭ ହୋଇଛି। ଏସ୍‌ଇଏମ ଉଚ୍ଛେଦ କରି ଗ୍ରାମ୍ୟ ଜଳଯୋଗାଣ କର୍ମଚାରୀ ମାନ୍ୟତା, ସମାନ କାମକୁ ସମାନ ଦରମା ପ୍ରଦାନ, ପଞ୍ଚାୟତରୁ ଦରମା ବନ୍ଦ କରି ଡିପାର୍ଟମେଣ୍ଟରୁ ଦରମା ପ୍ରଦାନ କରିବାକୁ ଦାବି ହେଉଛି। ସେହିପରି ୫ ବର୍ଷର ବୟସ କୋହଳ ସହ ୧୦ ବର୍ଷର ଏରିୟର ଦେବାର ବ୍ୟବସ୍ଥା, କାମ କରୁଥିବା ସମୟରେ ଯଦି କୌଣସି କର୍ମଚାରୀଙ୍କ ମୃତ୍ୟୁ ଘଟେ, ପରିବାରକୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ, ମୃତକଙ୍କ ପରିବାରର ଜଣକୁ ଚାକିରି ଓ ମେଗା ପ୍ରୋଜେକ୍ଟରେ ଏସ୍‌ଇଏମ୍‌ମାନଙ୍କୁ ନିଯୁକ୍ତି କରିବାର ଦାବି ରହିଛି। ଆନ୍ଦୋଳନରତ କର୍ମଚାରୀ ଉପଜିଲାପାଳଙ୍କୁ ସ୍ମାରକପତ୍ର ଦେବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ବିକ୍ଷୋଭ ହଟିଥିଲା। ଅନ୍ୟପକ୍ଷେ ନୟାଗଡ ବ୍ଲକ ସମ୍ମୁଖରେ ଏସ୍‌ଇମ ଓ ପମ୍ପ ଚାଳକ କର୍ମଚାରୀ ମାନେ ଅନୁରୂପ ଭାବେ ବିକ୍ଷୋଭ କରିଥିଲେ।

### ବିଏମ୍‌ସିର ୩, ପାତ୍ରପୁରରେ ଜଣେ ଡେଙ୍ଗୁ ରୋଗୀ ଚିହ୍ନଟ

ବ୍ରହ୍ମପୁର ଅଫିସ,୧୫।୧୧

ଗଞ୍ଜାମ ଜିଲାରେ ଡେଙ୍ଗୁ ସ୍ଥିତି ଅସମ୍ଭାଳ ହୋଇ ପଡ଼ିଲାଣି। ଜିଲାର ବିଭିନ୍ନ ବ୍ଲକ ଓ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ରେ ପ୍ରତିଦିନ ପଜିଟିଭ ଚିହ୍ନଟ ହେଉଛନ୍ତି। ପୁଣିଥରେ ରବିବାର ୪ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ମୋଟ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ଏବେ ୨୬୩ରେ ପହଞ୍ଚିଛି। ଡେଙ୍ଗୁ ଚିହ୍ନଟ ହେଉଥିବା ଅଞ୍ଚଳକୁ ସ୍ୱାସ୍ଥ୍ୟ ବିଭାଗର ଟିମ୍ ଯାଇ ଲାର୍ଭା ଚିହ୍ନଟ କରି ତାହା ନଷ୍ଟ ସହ ଲୋକଙ୍କୁ ସଚେତନ ମଧ୍ୟ କରୁଛି। ଏହା ସତ୍ତ୍ୱେ ମଧ୍ୟ ଡେଙ୍ଗୁ ଦିନକୁ ଦିନ ବଢ଼ିବାରେ ଲାଗିଛି।

### ଶ୍ରୀରଘୁନାଥଜୀଉଙ୍କ ଗଜ ଉଦ୍ଧାରଣ ବେଶ



ଓଡ଼ଗାଁ,୧୫।୧୧(ସ୍ୱ.ପ୍ର.)

ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ବାର ମାସରେ ତେର ପର୍ବ ଅନୁଷ୍ଠିତ ହୋଇଥାଏ। ସେଥିମଧ୍ୟରୁ କାର୍ତ୍ତିକ ମାସ ଶୁକ୍ଳ ତିଥି ବଡ଼ ଏକାଦଶୀଠାରୁ ଶ୍ରୀଜୀଉ ପଞ୍ଚୁକ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥାଆନ୍ତି। ସୋମବାର ବଡ଼ ଏକାଦଶୀରେ ଶ୍ରୀଜୀଉ ଗଜ ଉଦ୍ଧାରଣ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ଦାଶ ବଂଶ ଶ୍ରୀଜୀଉଙ୍କୁ ଏହି ବେଶରେ ସଜ୍ଜିତ କରିଥିବା ବେଳେ କେଦାର ମହାପାତ୍ର ପାଳିଆ ପଣ୍ଡା ଦାୟିତ୍ୱ ସମ୍ପନ୍ନ କରିଛନ୍ତି। ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ ମହାପାତ୍ର, ସମ୍ପାଦକ ସୁବେଦାର ବିଜୟ କୁମାର ଦାଶ ଓ ମନ୍ଦିର ପରିଚାଳକ ଜିତେନ୍ଦ୍ର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଛନ୍ତି।

### ସ୍କଚ୍ ଆୱାର୍ଡ : ଗଞ୍ଜାମ ଟିମ୍‌କୁ ଧନ୍ୟବାଦ ଦେଲେ ଜିଲାପାଳ

ଛତ୍ରପୁର,୧୫।୧୧(ଡି.ଏନ.ଏ.)

ଗଞ୍ଜାମ ଜିଲାର ନିର୍ଭୟ କଢି କାର୍ଯ୍ୟକ୍ରମ ମାଧ୍ୟମରେ ବାଲ୍ୟବିବାହ ମୁକ୍ତ ଅଭିଯାନ ଓଡିଶା ପାଇଁ ସଫଳତା ଆଣିଛି। ଓଡିଶା ମହିଳା ଓ ଶିଶୁ ବିକାଶ ବିଭାଗ ଜାତୀୟସ୍ତରରେ ସ୍କଚ ସ୍ୱର୍ଣ୍ଣ ଆୱାର୍ଡ ପାଇଛି। ଗଞ୍ଜାମରେ ବାଲ୍ୟ ବିବାହ ସମ୍ପୂର୍ଣ୍ଣ ଭାବେ ରୋକିବାକୁ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିଜସ୍ୱ ଉଦ୍ୟମରେ ଗତ ଦୁଇ ବର୍ଷ ହେଲା ନିର୍ଭୟ କଢି କାର୍ଯ୍ୟକ୍ରମ ଚାଲିଛି। ଏହାଦ୍ୱାରା ରାଜ୍ୟ ସଫଳତା ପାଇଥିବାରୁ ଗଞ୍ଜାମ ଜିଲା ଟିମର ସମସ୍ତ ସଦସ୍ୟଙ୍କୁ ଜିଲାପାଳ ଧନ୍ୟବାଦ ଜଣାଇବା ସହ ଏହି ଉଲ୍ଲେଖନୀୟ କାର୍ଯ୍ୟ ଜାରି ରଖିବାକୁ ଟୁଇଟ ଯୋଗେ ସୂଚନା ଦେଇଛନ୍ତି। ଜିଲାର୨୦୪୨ ଗ୍ରାମ, ସହରାଞ୍ଚଳର ୨୨୬ଟି ୱାର୍ଡ ଏବଂ ୨୨୧ଟି ପଞ୍ଚାୟତକୁ ଏ ପର୍ଯ୍ୟନ୍ତ ବାଲ୍ୟ ବିବାହ ମୁକ୍ତ ଭାବେ ଘୋଷଣା କରାଯାଇଛି। ଆଗାମୀ ଦିନରେ ଜିଲାକୁ ବାଲ୍ୟ ବିବାହ ମୁକ୍ତ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

### ବର୍ଷାରେ ବାଉଁଶ ପୋଲ ଭାସିଗଲା

ପୋଲସରା,୧୫।୧୧(ଡି.ଏନ.ଏ.)

ପୋଲସରା ବ୍ଲକର ଚଣ୍ଡିରାମଚନ୍ଦ୍ରପୁର ଗ୍ରାମବାସୀ ଯାତାୟାତ ପାଇଁ ଏକତ୍ରିତ ହୋଇ ଗତ ସପ୍ତାହରେ ବାଘୁଆ ନଦୀ ଉପରେ ବାଉଁଶ ପୋଲ ନିର୍ମାଣ କରିଥିଲେ। ହେଲେ ୩ ଦିନ ଧରି ଲଘୁଚାପ ଜନିତ ବର୍ଷାରେ ନଦୀରେ ବନ୍ୟା ଜଳ ବୃଦ୍ଧି ପାଇ ବାଉଁଶ ପୋଲଟି ପ୍ରଖର ସ୍ରୋତରେ ଭାସି ଯାଇଛି। ଏଥିପାଇଁ ଚଣ୍ଡିରାମଚନ୍ଦ୍ରପୁରର ଗ୍ରାମବାସୀ ବର୍ତ୍ତମାନ ୬ କିଲୋମିଟର ରାସ୍ତା ବୁଲି ପୋଲସରା ସହରକୁ ଆସୁଥିବା ଜଣାପଡିଛି। ଏଥିପ୍ରତି ସରକାର ତୁରନ୍ତ ଦୃଷ୍ଟି ଦେବା ସହ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଅଧିକାରୀମାନଙ୍କୁ ବାଘୁଆ ନଦୀ ଉପରେ ପୋଲ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ୨ ବର୍ଷ ପରେ ସ୍କୁଲରେ ଛାତ୍ରୀଛାତ୍ର ପଢ଼ିଲେ

### ଷଷ୍ଠ, ସପ୍ତମ ଶ୍ରେଣୀ ଖୋଲିଲା

ରଣପୁର,୧୫।୧୧(ସ୍ୱ.ପ୍ର.)

ବିଦ୍ୟାଳୟରେ ଷଷ୍ଠ ଓ ସପ୍ତମ ଶ୍ରେଣୀର କ୍ଲାସରୁମ୍ ପାଠପଢା ସୋମବାରଠାରୁ ଆରମ୍ଭ ହୋଇଛି। କୋଭିଡ ଗାଇଡଲାଇନ ଆଧାରରେ ପାଠ ପଢାଯାଉଛି। ସେଥିପାଇଁ ସ୍କୁଲଗୁଡିକ ବିଶୋଧନ କରିବା ସହ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରାଯାଇଛି। ତେବେ ଏ ବାବଦରେ ପୂର୍ବରୁ ଜିଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀଙ୍କୁ ସ୍ଥିତି ଯାଞ୍ଚ କରିବାକୁ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଥିଲେ। ହେଲେ ବିଦ୍ୟାଳୟ ଖୋଲିଲା ବେଳକୁ କାହାର ଦେଖା ମିଳି ନ ଥିଲା। ତେବେ ଦୁଇବର୍ଷ ହେବ ରାଜ୍ୟରେ କ୍ଲାସରୁମ୍ ପାଠପାଢା ବନ୍ଦ ରହିଥିଲା। ନୟାଗଡ଼ ଜିଲା ରଣପୁର ସଦର ମହକୁମାରେ ଥିବା ବି.ସି. ହାଇସ୍କୁଲ, ବାଳିକା ବିଦ୍ୟାଳୟକୁ ଛାତ୍ରୀଛାତ୍ରମାନେ ଦୀର୍ଘ ୨ବର୍ଷ ପରେ ଫେରିଛନ୍ତି। ବିଦ୍ୟାଳୟ ଖୋଲୁଥିବାରୁ ଖୁବ୍ ଉତ୍କଣ୍ଠାର ସହିତ ପିଲାମାନେ ଆସିବା ସହ ଖୁସି ଅଛନ୍ତି ବୋଲି ଛାତ୍ରୀଛାତ୍ରମାନେ କହିଛନ୍ତି। ବିଦ୍ୟାଳୟକୁ ପ୍ରବେଶ କରିବା ସମୟରେ ଛାତ୍ରୀଛାତ୍ରମାନଙ୍କ ଥର୍ମାଲ ସ୍କାନିଂ, ହ୍ୟାଣ୍ଡ ସାନିଟାଇଜ କରାଯିବା ସହ ମାସ୍କ ବ୍ୟବହାର ଓ ସାମାଜିକ ଦୂରତା ରକ୍ଷା ପାଳନକୁ କଡା କଡ଼ି କରାଯାଇଛି। ବିଦ୍ୟାଳୟରେ ପୂର୍ବରୁ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ପାଠପଢା ଚାଲିଛି। ପିଲା ସଂଖ୍ୟା ଅଧିକ ହେତୁ ଷଷ୍ଠ ଓ ସପ୍ତମ ଶ୍ରେଣୀ ପିଲାଙ୍କ ପାଠ ପଢା ସମୟ ସକାଳ ସାଢେ ୭ଟାରୁ ସାଢେ ୧୦ଟାରେ ହୋଇଥିବା ବେଳେ ଅଷ୍ଟମ, ନବମ, ଦଶମ ଶ୍ରେଣୀ ପିଲାଙ୍କ ପାଠପଢା ପୂର୍ବାହ୍ନ ୧୧ ଟାରୁ ଆରମ୍ଭ ହୋଇଥିଲା।




# ୩ ୱାର୍ଡବାସୀ ପାନୀୟ ଜଳ ପାଇବାରୁ ବଞ୍ଚିତ

### ବାରମ୍ବାର ଅଭିଯୋଗ ସତ୍ତ୍ୱେ ପଦକ୍ଷେପ ଶୂନ

ଖଣ୍ଡପଡା,୧୫।୧୧(ସ୍ୱ.ପ୍ର.)

ଭାପୁର ବ୍ଲକ ଅଧୀନ ପଥରଚକଡା ପଞ୍ଚାୟତର ୩ଟି ୱାର୍ଡ ବାସିନ୍ଦା ଦୀର୍ଘବର୍ଷରୁ ପାନୀୟ ଜଳ ମୁନ୍ଦେ ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି। ପ୍ରଶାସନିକ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାରୁ ଆଗାମୀଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସ୍ଥାନୀୟ ସରପଞ୍ଚ ତ୍ରିନାଥ ମୁଦୁଲି ସୂଚନା ଦେଇଛନ୍ତି। ସମ୍ପୃକ୍ତ ଗ୍ରାମବାସୀ ପାନୀୟ ଜଳ ଅଭାବରେ ବାଧ୍ୟ ହୋଇ ଦୂଷିତ ନଳକୂପର ପାଣି ବ୍ୟବହାର କରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି। ପ୍ରକାଶ ଯେ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଭାପୁର ବ୍ଲକ ଅନ୍ତର୍ଗତ ପଥରଚକଡା ପଞ୍ଚାୟତ ଅଧୀନ ମାଧପୁର ଗାଁର ୭ରୁ ୧୮ ନମ୍ବର ପର୍ଯ୍ୟନ୍ତ ୧୨ଟି ୱାର୍ଡର ୩ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ପାନୀୟ ଜଳ ଚାହିଦାକୁ ପୂରଣ କରିବାକୁ ବାରମ୍ବାର ଦାବି ଓ ରାସ୍ତାରୋକୋ କରାଯାଇଥିଲା। ପରେ ମାଧପୁର ଓ ପଥରଚକଡା ଗ୍ରାମ ପାଇଁ ପୃଥକ୍ ସ୍ଥାନରେ ୨ଟି ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ୧.୪୩ କୋଟି ଟଙ୍କା ବ୍ୟୟ ହୋଇଥିବା ଜଣାପଡିଛି। ତେବେ ପଥରଚକଡା ପଞ୍ଚାୟତର ୧୦, ୧୧ ଓ ୧୩ ନଂ. ୱାର୍ଡ ହରିଜନ ସାହି, ତିଅରସାହି ଏବଂ ମୁଣ୍ଡିଆ ଉପରସାହିର ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ବାସିନ୍ଦା ଆରମ୍ଭରୁ ପାନୀୟ ଜଳ ମୁନ୍ଦେ ପାଉ ନ ଥିବାରୁ ଏ ନେଇ ବାରମ୍ବାର ସମ୍ପୃକ୍ତ ବାସିନ୍ଦାମାନେ ପଞ୍ଚାୟତ ବୈଠକରେ ଅଭିଯୋଗ କରି ଆସୁଛନ୍ତି। ସରପଞ୍ଚ ମୁଦୁଲି ମଧ୍ୟ ଏ ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କର୍ତ୍ତୃପକ୍ଷଙ୍କୁ ଅବଗତ କରି ଆସୁଛନ୍ତି। ସମ୍ପ୍ରତି ମେଗା ପ୍ରକଳ୍ପ ମାଧ୍ୟମରେ ସମସ୍ତ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇବାର ବ୍ୟବସ୍ଥା ହୋଇଥିବା ଜଣାପଡିଛି। ମାତ୍ର ପଞ୍ଚାୟତ କର୍ତ୍ତୃପକ୍ଷ ବିଭାଗୀୟ ଅଧିକାରୀଙ୍କୁ ଏହି ପ୍ରକଳ୍ପ ମାଧ୍ୟମରେ ସମ୍ପୃକ୍ତ ୱାର୍ଡ ବାସିନ୍ଦାଙ୍କୁ ପାଇପ ଲାଇନ ବିଛାଇବାକୁ ଅବଗତ କରି ଆସୁଛନ୍ତି। ହେଲେ ବିଭାଗୀୟ କର୍ତ୍ତୃପକ୍ଷ କାଳ କ୍ଷେପଣ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହେଉଛି। ଗତ ୩ ଦିନ ଧରି ସମ୍ପୃକ୍ତ ଅଞ୍ଚଳର ବାସିନ୍ଦା ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ପାଟିତୁଣ୍ଡ କରୁଥିବା ସରପଞ୍ଚ ସୂଚନା ଦେବା ସହ ବିଭାଗୀୟ ଅଧିକାରୀମାନେ ଏଣୁତେଣୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଆମମାନଙ୍କୁ ଭ୍ରମିତ କରୁଥିବା ସରପଞ୍ଚ ମୁଦୁଲି ପ୍ରକାଶ କରିଛନ୍ତି। ତେବେ ଏ ସମ୍ପର୍କରେ ନୟାଗଡ଼ ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ନିର୍ବାହୀଯନ୍ତ୍ରୀ ଇଂ. ରାଜୀବ କୁମାର ପାଣିଗ୍ରାହୀଙ୍କୁ ପଚାରିବାରେ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି ସେ କହିଛନ୍ତି।

